ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/130/27-04-2021**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୨୭ ଅପ୍ରେଲ, ୨୦୨୧**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଭାରତୀୟ ମହିଳା ଦଳର କ୍ୟାପ୍‌ଟେନ୍ ରାନୀ ରାମପାଲ ଏବଂ ଦୁଇ ଜଣ ସହାୟକ କର୍ମଚାରୀଙ୍କ ସମେତ ୭ ଜଣ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିବାରୁ ଚିନ୍ତା ପ୍ରକଟ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ସେମାନଙ୍କର ଆଶୁ ଆରୋଗ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ।

➢ ଆଜି ଏସ୍‌ସିବି ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲ୍, କଟକର ପ୍ରଫେସର ଡ. ଜୟନ୍ତ ପଣ୍ଡା, ଆଦିତ୍ୟ–ଅଶ୍ୱିନୀ ହସ୍‌ପିଟାଲ୍‌ର ଡ. ସଂପଦ୍ ଦାସ ଓ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅମରେନ୍ଦ୍ର ନାଥ ମହାନ୍ତି କୋଭିଡ୍ ସଂପର୍କରେ ଜନସାଧାରଣଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ।

- ସ୍ୱଳ୍ପ ଲକ୍ଷଣ ଥିଲେ ଗୃହ ପୃଥକବାସରେ କୋଭିଡ୍ ରୋଗୀ ରହିପାରିବେ । ଏପରି କ୍ଷେତ୍ରରେ ରୋଗୀ ଘରେ ରହି ମଧ୍ୟ ଚିକିତ୍ସିତ ହୋଇପାରିବ । ମଧ୍ୟମ ଓ ଗୁରୁତର ଲକ୍ଷଣ ଥିବା ରୋଗୀ ଡାକ୍ତରଖାନାରେ ଚିକିତ୍ସିତ ହେବା ଆବଶ୍ୟକ । ଡାକ୍ତରଖାନରେ ରହି ଚିକିତ୍ସିତ ହେବାକୁ ହେଲେ ରୋଗୀକୁ କୋଭିଡ୍ ପଜିଟିଭ୍ ରିପୋର୍ଟ ସାଙ୍ଗରେ ଆଣିବା ଜରୁରୀ । ଅନ୍ୟ କୌଣସି କାଗଜାତର ଆବଶ୍ୟକତା ନାହିଁ । ଜନସାଧାରଣ ୧୦୪କୁ କିମ୍ବା ସହରାଞ୍ଚଳରେ ୧୯୨୯କୁ ଫୋନ କରି ଆମ୍ବୁଲାନ୍ସ ସହାୟତା ପାଇପାରିବେ । ଶତକଡ଼ା ୯୦ ଭାଗ ରୋଗୀଙ୍କର ଚିକିତ୍ସା ଗୃହ ପୃଥକବାସରେ ରହି କରାଯାଇ ପାରିବ । ତେଣୁ ଅଯଥା ଡାକ୍ତରଖାନାରେ ଭିଡ଼ ଜମାଇବାର ଆବଶ୍ୟକତା ନାହିଁ ।

- କୋଭିଡ଼ ରୋଗୀଙ୍କୁ ଯଥେଷ୍ଟ ବିଶ୍ରାମର ଆବଶ୍ୟକତା ଥାଏ । ଯଥେଷ୍ଟ ବିଶ୍ରାମ ସହ ସମୟ ମିଳିଲେ ଫୋନ୍‌ରେ କଥାବାର୍ତ୍ତା ହେବା, ଗୀତ ଶୁଣିବା, ମାଗାଜିନ୍/ବହି ପଢ଼ିବା ଦ୍ୱାରା ମାନସିକ ଚାପ କମ ରହିଥାଏ ।

- ଦ୍ୱିତୀୟ ଲହରିରେ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ଥିତି ଅନୁସାରେ ପୂର୍ବାପେକ୍ଷା ମୃତ୍ୟୁହାର କମ୍ ରହିଛି । ଏଣୁ ଆଶଙ୍କାଗ୍ରସ୍ତ ନହୋଇ ଧୈର୍ଯ୍ୟ ରଖିବା ସହ ମାସ୍କ ପରିଧାନ କରିବା, ସାମାଜିକ ଦୂରତା ବଜାୟ ରଖିବା ସାଙ୍ଗକୁ ଅନ୍ୟାନ୍ୟ କୋଭିଡ୍ ନିୟମର କଡ଼ାକଡ଼ି ଅନୁପାଳନ କରିବାକୁ ଅନୁରୋଧ କରାଯାଇଛି ।

**'ମାସ୍କ ପିନ୍ଧନ୍ତୁ, ଲକ୍‌ଡାଉନ୍ ଏଡ଼ାନ୍ତୁ'**

➢ ରାଜ୍ୟରେ କୋଭିଡ୍ ଲଢ଼େଇରେ ନିଜର ଯୋଗଦାନ ସ୍ୱରୂପ ଏମ୍.ଜି.ଏମ୍ ମିନେରାଲସ୍ ଲିଃ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ କୋଟି ଟଙ୍କା ଦାନ କରିଛନ୍ତି । ଆଜି ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଏହି ରାଶିର ଚେକ୍ ଗ୍ରହଣ କରିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୯୯,୫୪,୭୩୯ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୪,୨୦, ୧୨୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୬୭, ୧୧୧ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୨୦୦୭ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୫୦,୯୫୮ ରହିଛି ।
- ୫୦,୯୫୮ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ଲକ୍‌ଡାଉନ୍ ଏଡ଼ାନ୍ତୁ'**